# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 01 October – 2025

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍‌ରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩ ପ୍ରତିଶତ ବୃଦ୍ଧି

— ଓଡ଼ିଶାର ୬ଟି ସମେତ ଦେଶରେ ନୂଆ ୫୭ଟି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବ

- ରାଜ୍ୟର ଶକ୍ତିପୀଠଗୁଡ଼ିକରେ ଜଗଜ୍ଜନନୀ ମା' ଦୁର୍ଗାଙ୍କର ଦଶମୀପୂଜା ଓ ମଣ୍ଡପ ଗୁଡ଼ିକରେ ନବମୀ ପୂଜା ଅନୁଷ୍ଠିତ

- ସ୍ୱେଚ୍ଛାକୃତ ରକ୍ତଦାନ ପ୍ରୋତ୍ସାହନ ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

ଏବଂ

- ଅବପାତର ରୂପ ନେଲା ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ; ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିବ ବର୍ଷା

## ମହଙ୍ଗା ଭତ୍ତା

କେନ୍ଦ୍ର ସରକାର କର୍ମଚାରୀଙ୍କ ମହଙ୍ଗା ଭତ୍ତା ଆଉ ୩ ପ୍ରତିଶତ ବୃଦ୍ଧି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଏବଂ ପେନ୍‌ସନ୍ ଭୋଗୀଙ୍କ ମହଙ୍ଗା ରିଲିଫ୍-ଡିଆର ଅତିରିକ୍ତ କିସ୍ତିକୁ ଅନୁମୋଦନ ମିଳିଛି । ଏହି ବର୍ଦ୍ଧିତ ଭତ୍ତା ପିଛିଲା ଭାବେ ଗତ ଜୁଲାଇ ମାସ ପହିଲାରୁ ଲାଗୁ ହେବ । ବର୍ତ୍ତମାନ ମୂଳ ବେତନ ଅବା ପେନ୍‌ସନ୍ ଉପରେ ୫୫ ପ୍ରତିଶତ ମହଙ୍ଗା ଭତ୍ତା ମିଳୁଥିବାବେଳେ ଏବେ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀମାନେ ୫୮ ପ୍ରତିଶତ ହାରରେ ଅର୍ଥରାଶି ପାଇବେ ।  ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତାରେ ଅଧିକ ୩ ପ୍ରତିଶତ ବୃଦ୍ଧି ହେତୁ କେନ୍ଦ୍ରୀୟ ରାଜକୋଷରୁ ବର୍ଷକୁ ୧୦ ହଜାର ୮୩ କୋଟି ୯୬ ଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ ହେବ । ଏହାଦ୍ୱାରା ପ୍ରାୟ ୪୯ ଲକ୍ଷ ୧୯ ହଜାର କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮ ଲକ୍ଷ ୭୨ ହଜାର ପେନ୍‌ସନ୍ ଭୋଗୀ ଲାଭାନ୍ୱିତ ହେବେ । ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିଶ ଆଧାରରେ ଏହି ଭତ୍ତା ବୃଦ୍ଧି କରାଯାଇଛି ।

## କ୍ୟାବିନେଟ୍-କେନ୍ଦ୍ରୀୟ ବିଦ୍ୟାଳୟ

ଓଡ଼ିଶା ସମେତ ଦେଶର ବେସାମରିକ କ୍ଷେତ୍ରରେ ୫୭ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପ୍ରସ୍ତାବକୁ ଆଜି କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଓଡ଼ିଶାର ୬ଟି ସ୍ଥାନରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ କ୍ୟାବିନେଟ୍ ମଞ୍ଜୁରୀ ଦେଇଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା

ଜଣାଇଛନ୍ତି । ଏହି ନୂତନ ବିଦ୍ୟାଳୟଗୁଡ଼ିକ ସମ୍ପୃକ୍ତ ଅଂଚଳରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଆବଶ୍ୟକତା ପୂରଣ କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଜାତୀୟ ଶିକ୍ଷାନୀତିର ପରାମର୍ଶ ଅନୁସାରେ, ଓଡ଼ିଶା ସମେତ ସମଗ୍ର ଦେଶରେ ଉତ୍ତମ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଏହି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଞ୍ଜୁର ମିଳିଛି । ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରିତାର ଅଂଶସ୍ୱରୂପ ଏହି ୫୭ଟି କେନ୍ଦ୍ରୀୟ ବିଦ୍ୟାଳୟକୁ ପ୍ରଥମ ଥର ପାଇଁ 'ବାଲ୍ ବାଟିକା' ସହିତ ଅନୁମୋଦନ କରାଯାଇଛି । ଏହି ବାଲ୍ ବାଟିକାରେ ୩ ବର୍ଷର ପ୍ରି-ପ୍ରାଇମେରୀ ବା ପ୍ରାରମ୍ଭିକ ଶିକ୍ଷା ଦିଆଯିବ । ଏହି ୫୭ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ୫ ହଜାର ୮୬୨ କୋଟି ୫୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଛି ।

# ପିଏମ୍-ଆର୍‌ଏସ୍‌ଏସ୍

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ-ଆରଏସଏସ୍ ସ୍ୱେଚ୍ଛାସେବୀମାନେ ରାଷ୍ଟ୍ରସେବା ସହିତ ସମାଜକୁ ସଶକ୍ତ କରିବା ଦିଗରେ ଅକ୍ଲାନ୍ତ ପରିଶ୍ରମ କରି ଦେଶସେବାରେ ସଂପୂର୍ଣ୍ଣ ସମର୍ପିତ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ୧୦୦ବର୍ଷ ପୂର୍ବେ ଏହି ମହାନ୍ ଦିବସରେ ଏକ ସଂଗଠନ ଭାବେ ଆରଏସ୍‌ଏସ୍‌ର ପ୍ରତିଷ୍ଠା କେବଳ ଏକ ସଂଯୋଗ ନଥିଲା । ବରଂ ଏହା ହଜାର ହଜାର ବର୍ଷ ଧରି ଚାଲୁଥିବା ଏକ

ପରମ୍ପରାର ପୁନରୁତ୍ଥାନ ଥିଲା । ପ୍ରଧାନମନ୍ତ୍ରୀ ସ୍ମରଣ କରାଇ ଦେଇଥିଲେ ଯେ, ଆରଏସଏସ ସ୍ୱେଚ୍ଛାସେବୀମାନେ ମଧ୍ୟ ୧୯୬୩ ମସିହାରେ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଅଂଶ ଗ୍ରହଣ କରି ଗର୍ବର ସହ ପଦଯାତ୍ରା କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ପ୍ରତି ଆର୍‌ଏସଏସ୍‌ର ଅବଦାନ ଆଧାରରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏକ ସ୍ମାରକୀ ଡାକ ଟିକଟ ଏବଂ ମୁଦ୍ରାକୁ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସଂସ୍କୃତିମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି, ଆରଏସଏସ୍ ଲୋକଙ୍କ ମଧ୍ୟରେ ରାଷ୍ଟ୍ର ନିର୍ମାଣ ଏବଂ ସାଂସ୍କୃତିକ ସଚେତନତାର ଭାବନାକୁ ପ୍ରଜ୍ୱଳିତ କରୁଛି ।

## 'ମାଈଁ ଭାରତ' ମୋବାଇଲ୍ ଆପ୍ଲିକେଶନ

କେନ୍ଦ୍ର ଯୁବବ୍ୟାପାର ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଆଜି ନୂଆଦିଲ୍ଲୀରେ 'ମାଈଁ ଭାରତ' ମୋବାଇଲ୍ ଆପ୍ଲିକେସନର ଶୁଭାରମ୍ଭ କରିଛନ୍ତି। ଏହି ମୋବାଇଲ୍ ଆପ୍ଲିକେସନ ଭାରତର ଯୁବକମାନଙ୍କୁ ସଶକ୍ତ କରିବା ଲାଗି କେନ୍ଦ୍ର ସରକାରଙ୍କ ସଂକଳ୍ପ ସାକାର କରିବା ଦିଗରେ ଏକ ବଡ଼ ପଦକ୍ଷେପ। ସମଗ୍ର ଭାରତରେ ସାଧାରଣ ସେବା କେନ୍ଦ୍ର-ସିଏସ୍‌ସିର ୫ ଲକ୍ଷରୁ ଅଧିକ ନେଟ୍‌ୱର୍କ ମାଧ୍ୟମରେ ମାଈଁ ଭାରତ ପୋର୍ଟାଲ ଏବେ ଦୁର୍ଗମ ଗ୍ରାମାଞ୍ଚଳରେ ପହଞ୍ଚିପାରିବ ବୋଲି ମନ୍ତ୍ରୀ କହିଛନ୍ତି। ମାଈଁ ଭାରତ ପ୍ଲାଟଫର୍ମରେ ପ୍ରାୟ ୨ କୋଟି ଯୁବକ ଏବଂ ଦେଢ଼ ଲକ୍ଷ ସଂଗଠନ ପଞ୍ଜୀକୃତ ହୋଇଛନ୍ତି।

## ସେବାପର୍ବ - ସପୋର୍ଟ ବେୟଣ୍ଡ ବର୍ଡର୍ସ

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନ ମନ୍ତ୍ରଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବାପାଇଁ ନିରନ୍ତର କାର୍ଯ୍ୟ କରୁଛି । ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆଜି ଆସନ୍ତୁ ଜାଣିବା ସୀମା ବାହାରେ ସରକାର ପ୍ରଦାନ କରୁଥିବା ସହଯୋଗ ସମ୍ପର୍କରେ...........

**Seba Parba Opening**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଦେଶ ସୀମା ବାହାରେ ଘଟୁଥିବା ସଙ୍କଟର ପ୍ରଥମ ସହଯୋଗକାରୀ ଭାବେ କାର୍ଯ୍ୟ କରୁଛନ୍ତି । ଗତ ୫ ବର୍ଷ ମଧ୍ୟରେ ୧୫୦ରୁ ଅଧିକ ଦେଶକୁ ଭାରତ ମାନବୀୟ ଏବଂ ବିପର୍ଯ୍ୟୟ ସହାୟତା ପ୍ରଦାନ କରିଛି । ନାଇଜେରିଆରେ ଏକ ସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି' ସଙ୍କଟ ସମୟରେ ପ୍ରଥମ ସହଯୋଗ ପ୍ରଦାନକାରୀ ଭାବେ ଭାରତର ଭୂମିକା ଉପରେ ଆଲୋକପାତ କରିଥିଲେ ।

***Voice (PM)*** :.......

କୋଭିଡ୍-୧୯ ମହାମାରୀ ସମୟରେ ଭାରତ ମାନବକୈନ୍ଦ୍ରିକ କୂଟନୀତିର ପ୍ରମାଣସ୍ୱରୂପ ବିଭିନ୍ନ ଦେଶକୁ ପ୍ରତିଷେଧକ ଟିକା ଯୋଗାଇ ଦେଇଥିଲା । ୟୁକ୍ରେନ୍‌ରେ ଅପରେସନ୍ ଗଙ୍ଗାଠାରୁ ଆରମ୍ଭ ସୁଦାନ୍‌ରେ ଅପରେସନ କାବେରୀ ଏବଂ ଇସ୍ରାଏଲ୍‌ରେ ଅପରେସନ ଅଜୟ ପର୍ଯ୍ୟନ୍ତ ଭାରତ ନିଜ ଦେଶର ନାଗରିକଙ୍କ ସହ ବିଦେଶୀଙ୍କୁ ମଧ୍ୟ ସହଯୋଗ ପ୍ରଦାନ କରିଛି ।

ଆକାଶବାଣୀ ସଂବାଦ ବିଭାଗ ପାଇଁ ମୁଁ ମହେନ୍ଦ୍ର କୁମାର ମାଝୀ

**Seba Parba Closing**

# ଦୁର୍ଗାପୂଜା

ଆଦ୍ୟାଶକ୍ତି, ଜଗଦ୍ଧାତ୍ରୀ, ଜଗତ୍‌ଜନନୀ ମା’ ଦୁର୍ଗାଙ୍କର ଶକ୍ତିପୀଠଗୁଡ଼ିକରେ ଆଜି ଦଶମୀ ପୂଜା ଚାଲିଛି। ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପୂଜା ମଣ୍ଡପଗୁଡ଼ିକରେ ମହାନବମୀ ପୂଜା ଏବଂ ହୋମ ଯଜ୍ଞ ଚାଲିଛି। ଶରତ୍‌କାଳକୁ ଦେବୀଙ୍କ ଆବାହନ ସମୟ ଭାବେ ଅଭିହିତ କରାଯାଇ ଷୋଡ଼ଶ ଦିନାତ୍ମକ, ନବରାତ୍ରି ଓ ତ୍ରିଦିନାତ୍ମକ ପୂଜା ଉତ୍ସବର ଅବତାରଣା କରାଯାଇଛି । ପୁରୀ ଶ୍ରୀକ୍ଷେତ୍ରରେ ମା’ ବିମଳାଙ୍କର ଆଜି ବିଶ୍ରାମ ପୂଜା ହେଉଛି। ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଆସନ୍ତାକାଲି ସୁନାବେଶ ଅନୁଷ୍ଠିତ ହେବ । ଅବକାଶ ନୀତି ପରେ ଚନ୍ଦନଲାଗି କରାଯାଇ ନୂଆ ଲୁଗା ସମେତ ୩୨ ମୂର୍ତ୍ତି ସ୍ୱର୍ଣ୍ଣ ଅଳଙ୍କାରରେ ସୁନାବେଶ ଅନୁଷ୍ଠିତ ହେବ।

ମଣ୍ଡପଗୁଡ଼ିକରେ ମା’ଙ୍କର ମହାନବମୀ ପୂଜା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ ସହରର ବିଭିନ୍ନ ପୂଜାମଣ୍ଡପ ବୁଲି ଦେଖିଛନ୍ତି। ପୂଜା ମଣ୍ଡପ ଦର୍ଶନ ପରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ସର୍କିଟ ହାଉସ୍‌ରେ ଗଣମାଧ୍ୟମକୁ କହିଛନ୍ତି, ସମଗ୍ର ଦେଶରେ କଟକ ସହରର ଭାଇଚାରା ଅନନ୍ୟ। ଏଠାରେ ପାର୍ବଣର ମୁଖ୍ୟ ପର୍ବ ଦଶହରା ଅତ୍ୟନ୍ତ ଆକର୍ଷଣୀୟ। ଏହି

ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀ ଏବଂ କଟକ ସହରର ସର୍ବାଙ୍ଗୀନ ଉନ୍ନତି କରିଛନ୍ତି ।

## ରକ୍ତଦାନ/ବରିଷ୍ଠ ନାଗରିକ ଦିବସ

ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା, ରକ୍ତ ସଂଗୃହିତ କେନ୍ଦ୍ରଗୁଡିକ ପାଇଁ ଆବଶ୍ୟକ ଭିତ୍ତିଭୂମିର ସୁବିଧା ଏବଂ ଜାତୀୟ ରକ୍ତ ନୀତିକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଆଜି ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ କରାଯାଉଛି । ରକ୍ତଦାନ, ମହତ ଦାନ' ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ଜନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

ଆଜି ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଉଛି। ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଏବଂ ବୁଦ୍ଧିମତାକୁ ସମ୍ମାନ ପ୍ରଦର୍ଶନ ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଅକ୍ଟୋବର ପହିଲାରେ ସମଗ୍ର ବିଶ୍ୱରେ ଏହି ଦିବସ ଆଜି ପାଳନ କରାଯାଇଥାଏ। "ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ କାର୍ଯ୍ୟକୁ ପରିଚାଳିତ କରୁଥିବା ବୟସ୍କ ବ୍ୟକ୍ତି - ଆମର ଆକାଂକ୍ଷା, ଆମର ମଙ୍ଗଳ ଏବଂ ଆମର ଅଧିକାର" ଚଳିତ ବର୍ଷର ବାର୍ତ୍ତା ରହିଛି ।

## ରକ୍ତଦାନ ଶିବିର

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ଅବସରରେ **ସମ୍ବଲପୁର** ସିଆରପିଏଫ୍ ଗ୍ରୁପ୍ ସେଣ୍ଟରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସିଆରପିଏଫ୍ ଡିଆଇଜି ସଞ୍ଜୟ କୁମାର ସିଂ ଏବଂ

ଡିଆଇଜି(ସ୍ୱାସ୍ଥ୍ୟ) ଡକ୍ଟର ସି. ବାଲୁ ସଂଯୋଜନା କରି ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିବିରରେ ସମ୍ବଲପୁର ଗ୍ରୁପ୍ ସେଣ୍ଟରର ୨୫ ଜଣ ଅଧିକାରୀ ଓ ଯବାନ୍ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ।

**ନବରଙ୍ଗପୁର** ଜିଲ୍ଲା ସ୍ୱାସ୍ଥ୍ୟସମିତି ଆନୁକୂଲ୍ୟରେ କୋଷାଗୁମୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୩ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଏଥିସହ ସେବା ପକ୍ଷ ପାଳନ ଅବସରରେ ଅନୁଷ୍ଠିତ 'ସୁସ୍ଥ ନାରୀ ସଶକ୍ତ ପରିବାର' କାର୍ଯ୍ୟକ୍ରମରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା।

**ବୌଦ୍ଧ** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ତାଲିମ୍ କେନ୍ଦ୍ରଠାରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି.କେ.ଆରସି ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ କରାଯାଇଛି।

## 'ନୟାଗଡ଼ ମାଇଁ ଭାରତ'

**ନୟାଗଡ଼** ଜିଲ୍ଲା ଲେଖନପୁରସ୍ଥିତ ସମର୍ପଣ ଗୃହରେ ଆଜି ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଯାଇଛି। ସମର୍ପଣ ପରିଚାଳନା କମିଟିର ସମ୍ପାଦକ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ 'ନୟାଗଡ଼ ମାଇଁ ଭାରତ' କେନ୍ଦ୍ର ଆନୁକୂଲ୍ୟରେ ନୟାଗଡ଼ ଏକତା ୟୁଥ୍ କ୍ଲବ୍ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ତେବାସୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ତେବାସୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ବାର୍ଦ୍ଧକ୍ୟଜନିତ ବିଭିନ୍ନ ସମସ୍ୟାର

ସମାଧାନ ବିଷୟରେ ମଂଚାସୀନ ସଦସ୍ୟମାନେ ମୂଲ୍ୟବାନ ପରାମର୍ଶ ଦେଇଥିଲେ।

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ଅଧିକ ଘନୀଭୂତ ହୋଇ ଗଭୀର ଅବପାତର ରୂପ ନେଇପାରେ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଅବପାତ ପାରାଦ୍ୱୀପ ଏବଂ ଗୋପାଳପୁର ମଧ୍ୟରେ ଅତିକ୍ରମ କରିବା ସମ୍ଭାବନା ଥିବାରୁ ଏହାର ପ୍ରଭାବରେ ଆସନ୍ତାକାଲି ଓ ଶୁକ୍ରବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ସହ ଅଧିକ ବେଗରେ ପବନ ବହିବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର କହିଛି।

ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଏଥିସହିତ ରାଜ୍ୟର ସମସ୍ତ ବନ୍ଦରଗୁଡ଼ିକରେ ୩ ନମ୍ବର ବିପଦ ସଂକେତ ଜାରି କରାଯାଇଛି।

ପାଣିପାଗ ବିଭାଗର ଆକଳନ ଅନୁସାରେ, ଆଜିଠାରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ । ଜୁନ୍ ପହିଲାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ବର୍ଷା ରେକର୍ଡ଼ କରାଯାଇଛି । ରାଜ୍ୟର ଉତ୍ତର ପଶ୍ଚିମ ଜିଲ୍ଲାଗୁଡ଼ିକରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି । ପୁରୀ ଜିଲ୍ଲାରେ ୨୮ ପ୍ରତିଶତ, କଳାହାଣ୍ଡି ଜିଲ୍ଲାରେ ୨୫

ପ୍ରତିଶତ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୨୦ ପ୍ରତିଶତ କମ୍ ବର୍ଷା ହୋଇଛି । ୨୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ଼ କରାଯାଇଥିବାବେଳେ କୋରାପୁଟ, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାଗୁଡ଼ିକରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି ।